## ସଂକ୍ଷେପରେ

### ବୁଲା ଗୋରୁଙ୍କୁ ଚିକିତ୍ସା କଲେ ବଜରଙ୍ଗ ଦଳ

**ଉମରକୋଟ, ୩୦।୯(ସ୍ୱ.ପ୍ର.):** ଖୁରା ବଢ଼ିଯିବା ଯୋଗୁ ଚାଲିବାରେ ଅସୁବିଧା ହେଉଥିବା ଓ ଦୁର୍ଘଟଣାରେ ଖଣ୍ଡିଆ ଖାବରା ହୋଇଥିବା ଗାଈ, ଷଣ୍ଢଙ୍କୁ ଉମରକୋଟ ବଜରଙ୍ଗ ଦଳ ପକ୍ଷରୁ ଚିକିତ୍ସା ଯୋଗାଇ ଦିଆଯାଇଛି। ସମାଜିକ କର୍ମୀ ତଥା ପ୍ରାଣୀ ଚିକିତ୍ସକ ଦେବାନନ୍ଦ ଅଧିକାରୀ, ଅରୁଣ ସରକାର ଏବଂ ବନସିଂ କୁମ୍ଭାରଙ୍କ ସହଯୋଗରେ ସମସ୍ତ ଗାଈ ଷଣ୍ଢଙ୍କୁ ଉତ୍ତମ ଚିକିତ୍ସା କରାଯାଇ ତାଙ୍କ ସିଂଘ ରେ ରେଡିୟମ ଲଗାଇଯାଇ ଛଡାଯାଇଛି। ଏମିତି କାର୍ଯ୍ୟକ୍ରମ ଆଗକୁ ଚାଲିବ ବୋଲି ବଜରଙ୍ଗ ଦଳ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବାବୁ ଠାକୁର, ସୁଦେବ ନନ୍ଦୀ, ରାଜୁ ଭାଇ, ସୁମିତ ଜେନା, ସନ୍ତୋଷ ଜେନାଙ୍କ ସମେତ ସମସ୍ତ ବଜରଙ୍ଗ ଦଳ ସଦସ୍ୟ ଉପସ୍ଥିତ ଥିଲେ। ଗୋସେବା ଶେଷ ହେବା ପରେ ବଜରଙ୍ଗ ଦଳର ସମସ୍ତ ସଦସ୍ୟ ଉଭୟ ୩ ଜଣ ପଶୁଚିକିତ୍ସାକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିବ ପ୍ରସାଦ ହତ୍ୟା ମାମଲା ଆଉ ଜଣେ ଅଭିଯୁକ୍ତ ଗିରଫ



**ବୈପାରିଗୁଡା,୩୦।୯ (ଡି.ଏନ୍.ଏ.):** ୨୦୨୦ରେ ଘଟିଥିବା ଏକ ହତ୍ୟା ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ମାଝିଗୁଡା ପଞ୍ଚାୟତ ଝଡିଆଗୁଡା ଗ୍ରାମର ମାନୁଏଲ୍ କନ୍ଧପାନ । ୨୦୨୦ରେ ଉତ୍ତର ପ୍ରଦେଶର ଶିବ ପ୍ରସାଦ ନାମକ ଜଣେ ଅଣ ଓଡିଆ ବ୍ୟକ୍ତିଙ୍କ ମୃତଦେହ ମାଝିଗୁଡା ଜଙ୍ଗଲରେ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଶିବ ପ୍ରସାଦଙ୍କ ସମ୍ପର୍କୀୟମାନେ ଏଠାକୁ ଆସି ମୃତଦେହର ଫଟୋ ଦେଖି ଚିହ୍ନଟ କରିଥିଲେ । ଫରେନ୍ସିକ୍ ରିପୋର୍ଟ ,ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଏକ ହତ୍ୟା ଘଟଣା ବୋଲି ଜଣାପଡିଥିଲା। ପୋଲିସ୍ ଘଟଣାର ତଦନ୍ତ କରି ଗତ କିଛି ମାସ ତଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏବେ ମାନୁଏଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। । କେସ୍ ନଂ. ୧୨୮/୨୨।

### ଚୋରି ମାମଲାରେ ଜଣେ ଗିରଫ

**ଜୟପୁର, ୩୦।୯ (ନି.ପ୍ର.):** ଏକ ଚୋରି ମାମଲାରେ ଶୁକ୍ରବାର ସଦର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଭାଙ୍ଗାଛିଞ୍ଚିର ରାମଚନ୍ଦ୍ର ହରିଜନ। ଭାଙ୍ଗାଛିଞ୍ଚିରେ ଥିବା ଶଙ୍କର ପ୍ରଧାନଙ୍କ କିରାଣା ଦୋକାନରେ କେତେଜଣ ଦୁର୍ବୃତ୍ତ ପଶି ୧୫ ହଜାର ଟଙ୍କାର କିରାଣା ଜିନିଷ ଓ ଅନ୍ୟାନ୍ୟ ଜିନିଷ ଚୋରିକରି ନେଇଯାଇଥିଲେ। ଶଙ୍କର ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହାକୁ ଭିତ୍ତିକରି ତଦନ୍ତ ଚଳାଇଥିଲା। ମାମଲାରେ ରାମଚନ୍ଦ୍ର ସମ୍ପୃକ୍ତ ଥିବା ଜାଣି ତାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୪ ହଜାର ୫ ଶହ ଟଙ୍କା ଜବତ ହୋଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଆବେଦନ ସତ୍ତ୍ୱେ ୪ ମାସ ହେବ ମିଳୁନି ଋଣ

**ରାୟଗଡ଼ା ଅଫିସ, ୩୦।୯**



ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ଚାଷୀ ଏକତା ପରିଷଦ ଜିଲା ସଭାପତି ପ୍ରତାପ ପୁଆଲାଙ୍କ ନେତୃତ୍ୱରେ ରାୟଗଡ଼ା ଓ କୋଲନରା ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୪ ମାସ ହେବ କୃଷିଋଣ ପାଇଁ ବିଭିନ୍ନ ବ୍ୟାଙ୍କ ଓ ସୋସାଇଟିରେ ଆବେଦନ କରିଥିଲେ ମଧ୍ୟ ଏଯାବତ୍ ଋଣ ମିଳୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ୟାଙ୍କ ଓ ସୋସାଇଟି ବୁଲି ବୁଲି ଚାଷୀ ହନ୍ତସନ୍ତ ହେଉଛନ୍ତି। ରାୟଗଡ଼ା ଏକ ଚାଷୀ ବହୁଳ ଜିଲା। ଏହାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରି ଜୀବନ ବିତାନ୍ତି। ଏହି ଜିଲା ପଛୁଆ ଜିଲାଭାବେ ପରିଗଣିତ। ଏଠାକାର ଚାଷୀମାନେ ଗରିବ ଶ୍ରେଣୀର ହୋଇଥିବାରୁ ସୋସାଇଟି ଓ ବ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି ବୋଲି କହି ସୋସାଇଟି ଓ ବ୍ୟାଙ୍କର ଏପରି ଅବ୍ୟବସ୍ଥାକୁ ସଭାପତି ପୁଆଲା ନିନ୍ଦା କରିଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ଦାୟୀ। ଆଗାମୀ ଦିନରେ ଚାଷୀଙ୍କ ପ୍ରତି ଅବହେଳା କଲେ ଚାଷୀ ଏକତା ପରିଷଦ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନବେଳେ ସାଙ୍ଗଠନିକ ସମ୍ପାଦକ ପ୍ରୀତମ କୁମାର, ସମ୍ପାଦକ କାଟେସ ଗାଣ୍ଟା, କ୍ରିଷ୍ଣା କାଣ୍ଡଗରୀ, ଜଗନ୍ନାଥ ହିମିରିକା, ବିଶ୍ୱମ୍ଭର କରକରିଆ ଓ ଶିକା ସାରକା ପ୍ରମୁଖ ଉପସ୍ଥିତ ଥିଲେ ।

## ରାୟଗଡ଼ା-ଲାଣ୍ଡା ରାସ୍ତା ସ୍ଥାନାନ୍ତରୀକରଣକୁ ନେଇ ଜନଶୁଣାଣି

**ରାୟଗଡ଼ା ଅଫିସ, ୩୦।୯**



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ରାୟଗଡ଼ା ଜିଲା ସଦର ତହସିଲ ଅଧୀନ ପିତାମହଲ, ସୁଙ୍କାରିମେଣ୍ଟୁ, ଲାଣ୍ଡା ଓ ବୈଷ୍ଣବଗୁଡ଼ା ଗ୍ରାମର ବେସରକାରୀ ଜମି ଅଧିଗ୍ରହଣ ପାଇଁ ପିତାମହଲ ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା-କେରଡ଼ା ମୁଖ୍ୟ ରାସ୍ତା ରାୟଗଡ଼ା-ଲାଣ୍ଡା ରାସ୍ତାର ସ୍ଥାନାନ୍ତରୀକରଣ ହେବାକୁ ଥିବା ଯୋଗୁ ଉକ୍ତ ୪ ଗ୍ରାମର ଲୋକଙ୍କ ଜମି ଅଧିଗ୍ରହଣ କରାଯିବ।

ପ୍ରଥମେ ଉନ୍ନୟନ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ନବକୃଷ୍ଣ ଚୌଧୁରୀ ଓ ଏହାର ତାଲିକାଭୁକ୍ତ ସଂସ୍ଥା ଲାଇଫ୍ ଏକାଡେମୀ ଅଫ୍ ଭୋକେସନାଲ ଷ୍ଟଡିଜର ପ୍ରତିନିଧି ସତ୍ୟନାରାୟଣ ରଣା ସ୍ୱାଗତ ଭାଷଣ ଦେଇ ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଉପରୋକ୍ତ ଚାରିଗୋଟି ଗ୍ରାମର ପ୍ରଭାବିତ ଓ ଅଣପ୍ରଭାବିତ ସଦସ୍ୟମାନେ ଉକ୍ତ ଜନଶୁଣାଣିରେ ଉପସ୍ଥିତ ରହି ଜମି ଅଧିଗ୍ରହଣ ସମ୍ବନ୍ଧିତ କ୍ଷତିପୂରଣ ଆଦି ବିଷୟରେ ପଚାରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଭୀମସେନ ଶବର କ୍ଷତିଗ୍ରସ୍ତଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଥିସହିତ ଓଡ଼ିଶା ସରକାରଙ୍କ ଉପଯୁକ୍ତ କ୍ଷତିପୂରଣ ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ ୨୦୧୩ ଏବଂ ଅଧିନିୟମ ୩୦.୨୦୧୭ ଉପଧାରା (୧) ଧାରା ୧୦୭ କଥିତ ଅଧିନିୟମ ଅନୁଯାୟୀ କ୍ଷତିଗ୍ରସ୍ତମାନେ କେତେଗୁଣ କ୍ଷତିପୂରଣ ପାଇବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଭୂ-ଅର୍ଜନ ଅଧିକାରୀ ତଥା ରାୟଗଡ଼ା ତହସିଲଦାର ତାପସ ରାଉତ, ରାସ୍ତା ଓ କୋଠାବାଡ଼ି ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ପାତ୍ର, ସହକାରୀ ଯନ୍ତ୍ରୀ ବୁଧିଆ ମାରାଣ୍ଡି, ପିତାମହଲ ସରପଞ୍ଚ ଟୁଟୁ ତାଡ଼ିଙ୍ଗୀ, ପିତାମହଲ ଆର୍‌ଆଇ ଦାମୋଦର ଗଡତିଆ, ବରିଷ୍ଠ ରାଜସ୍ୱ ସହାୟକ ମନୋଜ ରଥ, ସମାଜ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିନିଧି ପ୍ରେମାନନ୍ଦ ବେଉରା ଜନଶୁଣାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିନିଧି ସତ୍ୟ ନାରାୟଣ ରଣା ମଞ୍ଚାସୀନ ଅତିଥି, ୪ ଗ୍ରାମରୁ ଆସିଥିବା ପ୍ରଭାବିତ ଓ ଅଣ ପ୍ରଭାବିତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

### ଚିତ୍ରକୋଣ୍ଡା-ବ୍ରହ୍ମପୁର ଏସି ବସ୍ ସେବା ଆରମ୍ଭ

**ଚିତ୍ରକୋଣ୍ଡା,୩୦।୯(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରୁ ବ୍ରହ୍ମପୁରକୁ ଶୀତତାପ ନିୟନ୍ତ୍ରିତ ଡିଲକ୍ସ ବସ୍ ସେବା ଗୁରୁବାରରୁ ଆରମ୍ଭ ହୋଇଛି। ବ୍ରହ୍ମପୁରରୁ ପ୍ରତିଦିନ ରାତି ୮ଟାରେ ଏହା ଛାଡ଼ି ଶ୍ରୀକାକୁଲମ, ସାଲୁର, ସୁନାବେଡ଼ା, କୋରାପୁଟ, ଜୟପୁର, ବାଲିମେଳା ଦେଇ ପରଦିନ ସକାଳ ୭.୩୦ରେ ଚିତ୍ରକୋଣ୍ଡାରେ ପହଞ୍ଚିବ। ସେହିପରି ଚିତ୍ରକୋଣ୍ଡାରୁ ରାତି ୮ଟାରେ ବାହାରି ବ୍ରହ୍ମପୁରରେ ପରଦିନ ସକାଳ ୭.୩୦ରେ ପହଞ୍ଚିବ ବୋଲି ଜଣାପଡ଼ିଛି। ଚିତ୍ରକୋଣ୍ଡା ବସ୍‌ଷ୍ଟାଣ୍ଡରେ ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ବସ୍ ସେବାର ଶୁଭାରମ୍ଭ କରିଥିଲେ। ପ୍ରଥମ ଯାତ୍ରୀଙ୍କୁ ବ୍ଲକ ଅଧକ୍ଷା ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଦିନ ଚିତ୍ରକୋଣ୍ଡାରୁ ଏହି ବସ୍ ରାତି ୮ଟା ବଦଳରେ ସନ୍ଧ୍ୟା ୬ ଟାରେ ଛାଡ଼ିଲେ ସୁବିଧା ହେବ ବୋଲି ଯାତ୍ରୀମାନେ କହିଛନ୍ତି।

### ଆଇନ ସଚେତନତା କାର୍ଯ୍ୟକ୍ରମ

**ଦଶମନ୍ତପୁର,୩୦।୯(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁରସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଶୁକ୍ରବାର ଆଇନଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ସୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ସିଏସ୍‌ଆଇ ଭି.ଆର୍. ପ୍ରଦୀପ କୁମାର, ବିଜ୍ଞାନ ଶିକ୍ଷକ ବଶିଷ୍ଠ ନାୟକ, ଆଇନଜୀବୀ ବିଶ୍ୱନାଥ ବିଶୋୟୀ, ଯମୁନା ମହାନନ୍ଦିଆ, ପି. ସୁଧୀର, ସନ୍ତୋଷ କୁମାର ଶତପଥୀଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପୋକ୍ସୋ ଆଇନ ଏବଂ ଦିନକୁ ଦିନ ବୃଦ୍ଧି ପାଉଥିବା ଜନଶୋଷଣ, ନାରୀ ନିର୍ଯାତନା ଏବଂ ନାରୀଙ୍କ ସୁରକ୍ଷା ସମ୍ପର୍କରେ ବିଚାରପତି ନାୟକ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅଶ୍ୱିନୀ ତ୍ରିପାଠୀ ଏବଂ ନକୁଳ ହନ୍ତାଳ ପରିଚାଳନା କରିଥିଲେ।



## ହଷ୍ଟେଲ ପାଚେରି ଡେଇଁ ପୋଖରୀରେ ଗାଧୋଇବାବେଳେ ଛାତ୍ରଙ୍କ ମୃତ୍ୟୁ

**ତେନ୍ତୁଳିଖୁଣ୍ଟି, ୩୦।୯(ଡି.ଏନ୍.ଏ.)**

- ୧୦ ସାଙ୍ଗଙ୍କ ସହ ହଷ୍ଟେଲରୁ ୩ କି.ମି. ଦୂରକୁ ଯାଇଥିଲେ ଗାଧୋଇବାକୁ
- ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ପୁଅର ମୃତ୍ୟୁ ଅଭିଯୋଗକଲେ ମୃତକଙ୍କ ବାପା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ଖାତିଗୁଡ଼ାସ୍ଥିତ ଏକ ଘରୋଇ ବିଦ୍ୟାଳୟର ଜଣେ ଅନ୍ତେବାସୀ ପାଚେରି ଡେଇଁ ହଷ୍ଟେଲରୁ ବାହାରି ସାଙ୍ଗସାଥୀଙ୍କ ସହ ପୋଖରୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ରୁଦ୍ର ମାଝି (୧୫)। ସେ ଉକ୍ତ ଘରୋଇ ସ୍କୁଲର ଦଶମଶ୍ରେଣୀ ଛାତ୍ର। ରୁଦ୍ରଙ୍କ ଘର ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଡ୍ରିରେ। ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ପୁଅର ମୃତ୍ୟୁ ହୋଇଛି ବୋଲି ମୃତକଙ୍କ ବାପା ପଦ୍ମନ ମାଝି ଖାତିଗୁଡ଼ା ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି।

ସୂଚନାନୁଯାୟୀ, ରୁଦ୍ର ସକାଳ ୮ଟାରେ ପ୍ରାୟ ୧୦ଜଣ ସାଙ୍ଗଙ୍କ ସହ ହଷ୍ଟେଲରୁ ବାହାରି ୩ କି.ମି. ଦୂର ଫଟାଗୁଡ଼ାରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଇବାବେଳେ ହଠାତ୍ ରୁଦ୍ର ବୁଡ଼ିଯାଇଥିଲେ। ଏହା ଦେଖି ତାଙ୍କ ସାଙ୍ଗରେ ଯାଇଥିବା ଅନ୍ୟ ଅନ୍ତେବାସୀ ସେଠାରୁ ଫେରିଆସିଥିଲେ। ଗ୍ରାମବାସୀ ସଙ୍ଗେ ସଙ୍ଗେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଖାତିଗୁଡ଼ା ଥାନାଧିକାରୀ ଦୀପକ ଲେଙ୍କା ଅନ୍ୟ ପୋଲିସ କର୍ମଚାରୀ ଓ ଦମକଳ ବାହିନୀ ସହ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ରୁଦ୍ରଙ୍କୁ ପାଣିରୁ ବାହାରକରିବା ପରେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ବ୍ରହ୍ମାନନ୍ଦ ଦାସ ତାଙ୍କୁ ମୃତ ଘୋଷଣା କରିଥିଲେ। ଖାତିଗୁଡ଼ା ପୋଲିସ ୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପିଲାମାନେ କେତେବେଳେ ପାଚେରି ଡେଇଁ ଯାଇଛନ୍ତି ତାହା ଜାଣିପାରିନାହାନ୍ତି ବୋଲି ସ୍କୁଲ ଅଧକ୍ଷା ସ୍ୱର୍ଣ୍ଣଲତା ମହାକୁଡ଼ କହିଛନ୍ତି। ହଜାର ହଜାର ଟଙ୍କା ଦେଇ ପିଲାଙ୍କୁ ହଷ୍ଟେଲରେ ରଖୁଛୁ , କିନ୍ତୁ ଦାୟିତ୍ୱହୀନ ଷ୍ଟାଫ୍‌ଙ୍କ ଯୋଗୁ ଏକମାତ୍ର ପୁଅର ଜୀବନ ଚାଲିଗଲା ବୋଲି କୋହଭରା କଣ୍ଠରେ କହିଛନ୍ତି ରୁଦ୍ରଙ୍କ ବାପା ପଦ୍ମନ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
rgdselfie@gmail.com



@ ଏଲ୍. ତ୍ରିମୁଲା



@ ଅଂଶୁମାନ



@ ବିପିନ



@ କୁନା



@ ସୁପ୍ରଭା

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## କାନ୍ଦିକାନ୍ଦି ଶିକ୍ଷୟିତ୍ରୀଙ୍କୁ ବିଦାୟ ଦେଲେ ଛାତ୍ରୀଛାତ୍ର, ଅଭିଭାବକ



ବିଦାୟ ବେଳେ ଶିକ୍ଷୟିତ୍ରୀଙ୍କ ସହ ଛାତ୍ରୀଛାତ୍ର ଓ ଗ୍ରାମବାସୀ।

**ପାପଡ଼ାହାଣ୍ଡି,୩୦।୯(ଡି.ଏନ୍.ଏ.)**

ଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ବିଦାୟ ବେଳେ କାନ୍ଦ ବୋବାଳିରେ ଫାଟି ପଡିଲା ଗାଁ ଦାଣ୍ଡ। ପିଲାରୁ ବୁଢ଼ା ସମସ୍ତଙ୍କ ଆଖିରେ ଝରିଗଲା ଲୁହ। ଦୀର୍ଘ ୯ ବର୍ଷ ଧରି ଶିକ୍ଷୟିତ୍ରୀଙ୍କ ଠାରୁ ସ୍ନେହ ମମତା ପାଇଥିବା ଗ୍ରାମବାସୀ ତାଙ୍କୁ ଛାଡିବାକୁ ଥିଲେ ନାରାଜ। ହେଲେ ସରକାରୀ ନିୟମକୁ କି ଅବା ନ ମାନିବ। ଶେଷରେ କାନ୍ଦି କାନ୍ଦି ବିଦାୟ ନେଲେ ଶିକ୍ଷୟିତ୍ରୀ। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ବାଙ୍କସର୍ଗି ଗ୍ରାମରେ ଶୁକ୍ରବାର ଏପରି ଏକ ଘଟଣା ଦେଖିବାକୁ ମିଳିଛି। ନିଜର ପ୍ରିୟ ଶିକ୍ଷୟିତ୍ରୀ ବନଲତା କରଙ୍କୁ ବିଦାୟ ଦେଲା ବେଳେ ଭାଙ୍ଗି ପଡ଼ିଥିଲେ ଛାତ୍ରୀଛାତ୍ର ଓ ଅଭିଭାବକ। ୨୦୧୩ରୁ ସେ ବାଙ୍କସର୍ଗି ପ୍ରାଥମିକ ବିଦ୍ୟାଳୟରେ କାମ କରୁଥିଲେ। କାର୍ଯ୍ୟରତ ସମୟରେ ତାଙ୍କର ସ୍ନେହ ଓ ଶ୍ରଦ୍ଧାରେ ବାନ୍ଧି ହୋଇଯାଇଥିଲେ ଛାତ୍ରୀଛାତ୍ର। ସେ କେବେବି କାହାକୁ ବାଡାଉ ନ ଥିଲେ। ପିଲାଙ୍କୁ ଭଲ ପାଠ ପଢାଇବା ସହ ଅଭିଭାବକଙ୍କୁ ଭଲ ବ୍ୟବହାର ଦେଉଥିଲେ। ତେଣୁ ତାଙ୍କ ବିଦାୟ ବେଳେ ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ କାନ୍ଦି ପକାଇ ଥିଲେ। ଏକ ବିରାଟ ଶୋଭାଯାତ୍ରାରେ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରୁ ପାଛୋଟି ଗ୍ରାମ ପରିକ୍ରମା କରାଯାଇଥିଲେ। ଶିକ୍ଷୟିତ୍ରୀଙ୍କ ଅବସର ଜୀବନ ସୁଖମୟ ଲାଗି ପ୍ରାର୍ଥନା କରିଥିଲେ। ଗାଁ ମୁଣ୍ଡରେ ପହଞ୍ଚିବା ପରେ ସମସ୍ତେ ମିଶି ତାଙ୍କୁ ବିଦାୟ ଦେଇଥିଲେ।

## ଭଙ୍ଗା ଶ୍ରେଣୀ ଗୃହରେ ଚାଲିଛି ପାଠପଢ଼ା, ବର୍ଷାହେଲେ ଜମୁଛି ପାଣି

**ପଦ୍ମପୁର, ୩୦।୯(ଡି.ଏନ୍.ଏ.)**



ଖମାପଦର ସ୍କୁଲରେ ବର୍ଷା ପାଣି ପଶିଯିବାରୁ ପିଲାମାନେ ଛିଡ଼ାହୋଇ ପାଠ ପଢୁଛନ୍ତି।

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ସଦର ତଥା ଶିକ୍ଷା ବିଭାଗର ଦୁଇ ତିନି କିମି ପରିଧି ମଧ୍ୟରେ ଆସୁଥିବା ଖମାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜୁମୁରୁଗୁଡା ପ୍ରାଥମିକ ବିଦ୍ୟାଳୟ ବିପଦସଙ୍କୁଳ। ଜରାଜୀର୍ଣ୍ଣ ଶ୍ରେଣୀ ଗୃହରେ ଚାଲିଛି ଶିକ୍ଷାଦାନ। ବର୍ଷାରେ ଶ୍ରେଣୀ ଗୃହରେ ପାଣି ଜମୁଛି। ସେହି ପାଣି ଭର୍ତ୍ତି ଶ୍ରେଣୀଗୃହରେ ପିଲାମାନଙ୍କୁ ପାଠ ପଢ଼ାଯାଉଛି।

ପଦ୍ମପୁର ବ୍ଲକ ଅଧୀନ ଖମାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧ ଏପ୍ରିଲ ୧୯୪୬ରେ ସ୍ଥାପିତ ହେଇଥିଲା। ଏଠାରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଛନ୍ତି। ଦୀର୍ଘ ୭୬ବର୍ଷର ପୁରୁଣା ସ୍କୁଲରେ ୩ଟି ଜରାଜୀର୍ଣ୍ଣ ଶ୍ରେଣୀ ଗୃହରେ ୧୮୨ଜଣ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଯାଉଛି। ହେଲେ ପରିତାପର ବିଷୟ ସ୍କୁଲ କମିଟି, ଗ୍ରାମ କମିଟି, ଜନସାଧାରଣ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗୁରୁବାର ସ୍କୁଲରେ ପାଠପଢ଼ା ଚାଲିଥିବାବେଳେ ପ୍ରବଳ ବର୍ଷା ହେବାରୁ ଶ୍ରେଣୀ ଗୃହରେ ଆଣ୍ଠୁଏ ପାଣି ହୋଇଥିଲା। ପିଲାମାନେ ବର୍ଷାରେ ଭିଜି ଯିବା ସହ ଠିଆ ହୋଇ ରହିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ୨୨ତାରିଖରେ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ, ଗ୍ରାମବାସୀ ପଦ୍ମପୁର ବିଡିଓ ରୀନା ପ୍ରଧାନ ଓ ବିଇଓ ସୁବାସ ଚନ୍ଦ୍ର ଶବରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହା ପୂର୍ବରୁ ମଧ୍ୟ ନେତା, ମନ୍ତ୍ରୀଙ୍କୁ ଏ ନେଇ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି।

ସେହିପରି ପଦ୍ମପୁର ପଞ୍ଚାୟତ ଅଧୀନ ଉପରେ ସାହି ଜୁମୁରୁଗୁଡା ପ୍ରାଥମିକ ବିଦ୍ୟାଳୟରେ ୨୦୮ଜଣପିଲା ପଢୁଛନ୍ତି। ସେମାନଙ୍କ ପାଇଁ ଥିବା ୭ ଶ୍ରେଣୀଗୃହ ମଧ୍ୟରୁ ୪ଟି ସମ୍ପୂର୍ଣ୍ଣ ଅନୁପଯୋଗୀ। ୩ଟି ବିପଦ ସଙ୍କୁଳ ଶ୍ରେଣୀ ଗୃହରେ ପାଠପଢ଼ା ଯାଉଛି। ରବିବାର ଦିନ ସ୍କୁଲ ଆଜବେଷ୍ଟସ ଭାଙ୍ଗି ଯାଇଥିଲା। ଛୁଟି ଦିନ ଥିବାରୁ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ପିଲା ଓ ଶିକ୍ଷକମାନେ ରକ୍ଷା ପାଇଯାଇଥିଲେ। ସ୍କୁଲ ସମସ୍ୟା ଅନୁଧ୍ୟାନ କରିବାକୁ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ବିଇଓ ସୁବାସ ଚନ୍ଦ୍ର ଶବର ପ୍ରମୁଖ ଯାଇଥିଲେ। ପିଲାମାନଙ୍କ ପାଇଁ କିଛି ସୁବିଧା କରି ପାଠପଢ଼ା ପାଇଁ ସୁରକ୍ଷିତ ସ୍ଥାନ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବିଇଓ ସୁବାସ ଚନ୍ଦ୍ର ଶବରଙ୍କୁ ପଚାରିବାରୁ ଶୁକ୍ରବାର ଖମାପଦର ସ୍କୁଲ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ସ୍କୁଲଟି ବହୁ ପୁରୁଣା। ମାଟି ପକାଯିବା ପରେ ଖେଳ ପଡିଆ ଉଚ୍ଚା ହୋଇଯାଇଛି। ତେଣୁ ବର୍ଷା ପାଣି ଓ ଗାଁ ପାଣି ସ୍କୁଲ ଭିତରକୁ ପଶିଯାଉଛି। ସ୍କୁଲ ସମସ୍ୟାର ରିପୋର୍ଟ ପ୍ରସ୍ତୁତ କରି ଡିଇଓଙ୍କୁ ଜଣାଇଛି ବୋଲି ସେ କହିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ପଦ୍ମପୁରର ୨ ସ୍କୁଲ

**ସଂକ୍ଷେପରେ**

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ୨ୟ ଦିନରେ ଆଇନଜୀବୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଜୟପୁର,୩୦।୯ (ନି.ପ୍ର.):ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆଇନଜୀବୀଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରତ୍ୟେକ ମାସର ଶେଷ ୨ଦିନ କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରାଯିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଛି। ସେହି ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଆନ୍ଦୋଳନ କରାଯାଇଥିଲା। ଏହି ୨ଦିନ ଜେଲରେ ଥିବା ବିଚାରାଧୀନ ବନ୍ଦୀଙ୍କ ଜାମିନ ଶୁଣାଣିରେ ଆଇନଜୀବୀମାନେ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ଅନ୍ୟ କୌଣସି ମାମଲାରେ ସାମିଲ ହେବେନାହିଁ। ଜୟପୁରରେ ୨୦ଟି କୋର୍ଟ ଥିବାରୁ ସମସ୍ତ କୋର୍ଟରେ ଆଇନଜୀବୀମାନେ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ବସି ଆନ୍ଦୋଳନ କରୁଛନ୍ତି। ସଂଘର ଜିଲା ସଭାପତି ସରୋଜ ଦାଶ, ଉପସଭାପତି ଗିରିଧର ଖରା, ହରିଶ ମୁଦୁଲି, ପ୍ରଶାନ୍ତ ତ୍ରିପାଠୀ, ଦିବାକର ରାଓ ଉପସ୍ଥିତ ଥିଲେ।

## ଫସଲ ବୀମା ଯୋଜନା ସମ୍ପର୍କିତ ତାଲିମ କର୍ମଶାଳା

ମାଲକାନଗିରି,୩୦।୯ (ଡି.ଏନ୍.ଏ.): ମାଲକାନଗିରି ଜିଲା ସଦର ମହକୁମା ଡିଆରଡିଏ ସଭା ଗୃହରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କିତ ଏକ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଏଥିରେ କୃଷି, ରାଜସ୍ୱ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଶେଷ କରି ବର୍ତ୍ତମାନ ଧାନକଟା ସମୟ ହୋଇଥିବା ବେଳେ ଏହି ଧାନକଟା ସମୟରେ କିପରି ଧାନ କଟା ଯିବ, ଚାଷୀମାନେ କିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ସେ ନେଇ ବିସ୍ତୃତ ଆଲୋଚନା କରାଯାଇ ତାଲିମ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଜିଲାର ସମସ୍ତ ଅଞ୍ଚଳରେ ଧାନ କଟା ସମ୍ବନ୍ଧୀୟ ବିବରଣୀ ସମସ୍ତ ଚାଷୀଙ୍କୁ ବୁଝାଇବା ସହ ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## ଭୁଜାଲି ଆକ୍ରମଣରେ ଯୁବକ ମୃତ, ଅଭିଯୁକ୍ତ ଗିରଫ

ଧୂଷୁରୀ, ୩୦।୯-ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ପାଳସାହି ପଞ୍ଚାୟତ ବଳସାହି ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଭୁଜାଲି ଆକ୍ରମଣରେ ଦେବାଶିଷ ପ୍ରଧାନ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରପାଇ ଧୂଷୁରୀ ଥାନା ଏଏସ୍ଆଇ ପ୍ରଦ୍ୟୁମ୍ନ ମହାପାତ୍ର ସଦଳବଳ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ପରେ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏହି ଘଟଣାରେ ଅଭିଯୁକ୍ତ ସାଆଁଳପୁର ଗ୍ରାମର ନନ୍ଦକିଶୋର ଜେନାଙ୍କୁ ସ୍ଥାନୀୟ ବିଦ୍ୟୁତ୍ ଷ୍ଟ୍ରକ୍‌ଚର ପାଖରୁ ପୋଲିସ ଗିରଫ କରିଛି। ମୃତ ଦେବାଶିଷଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ପୂର୍ବଶତ୍ରୁତାକୁ ନେଇ ନନ୍ଦକିଶୋର ୧୫ଦିନ ତଳେ ଦେବାଶିଷଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ତାଙ୍କ ଘର ପାଖ ବାପୁଜୀ ହାଇସ୍କୁଲ ଛକ ନିକଟରେ ଦେବାଶିଷଙ୍କୁ ଏକୁଟିଆ ପାଇ ନନ୍ଦକିଶୋର ତାଙ୍କ ଛାତିକୁ ଭୁଜାଲିରେ ଆକ୍ରମଣ କରିଥିଲେ। ପରେ ଭୁଜାଲିକୁ ନିକଟସ୍ଥ ଏକ ପୋଖରୀକୁ ଫିଙ୍ଗି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମୁମୂର୍ଷୁ ଅବସ୍ଥାରେ ଦେବାଶିଷଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତ୍ୟେକ୍ଷଦର୍ଶୀଙ୍କ ବୟାନ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ନନ୍ଦକିଶୋର ହତ୍ୟା କରିବା ପରେ ଦେବାଶିଷଙ୍କ ବଡ଼ବାପାଙ୍କୁ ଯାଇ ମୃତଦେହ ନେଇ ଆସିବାକୁ କହିଥିଲେ। ଏନେଇ ଦେବାଶିଷଙ୍କ ବଡ଼ବାପା ପାଗଳା ପ୍ରଧାନ ପ୍ରକାଶ କରିଥିବା ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

## ନୂତନ ଥାନାଧିକାରୀଙ୍କ ଯୋଗଦାନ

ପାଟଣା,୩୦।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନାରେ ଶୁକ୍ରବାର ନୂତନ ଥାନା ଅଧିକାରୀ ଭାବେ ମନୋରଞ୍ଜନ ପ୍ରଧାନ କାର୍ଯ୍ୟରେ ଯୋଗଦେଇଛନ୍ତି। କେନ୍ଦୁଝର ଜିଲା ଆନନ୍ଦପୁର, ହରିଚନ୍ଦନପୁର ଓ ଚମ୍ପୁଆ ଥାନାଧିକାରୀ ଭାବେ କାର୍ଯ୍ୟ କରିବାର ତାଙ୍କର ଅଭିଜ୍ଞତା ରହିଛି। ଆଇନଶୃଙ୍ଖଳା ପରିସ୍ଥିତି, ଚୋରି ରାହାଜାନି ରୋକିବା ଉପରେ ଧ୍ୟାନ ଦେଇ କାର୍ଯ୍ୟ କରିବେ ବୋଲି ନୂତନ ଥାନାଧିକାରୀ ପ୍ରଧାନ କହିଛନ୍ତି। ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ବଡ଼ବିଲ ଥାନାକୁ ବଦଳି ହୋଇଛି।

# ରାଜାରାଜୁଡ଼ା ଅମଳରୁ ପୂଜା ପାଉଛନ୍ତି ରଜାନଗର ଦୁର୍ଗା

ଜୟପୁର,୩୦।୯(ନି.ପ୍ର.)


ରଜାନଗର ପୂଜାମଣ୍ଡପରେ ମା' ଦୁର୍ଗା। (ଫାଇଲ୍ ଫଟୋ)

**ଜୟପୁର ଦୁର୍ଗାପୂଜା**

କୋରାପୁଟ ଜିଲା ଜୟପୁରରେ ହେଉଥିବା ଦୁର୍ଗାପୂଜା ମଧ୍ୟରୁ ରଜାନଗର ନିକଟରେ ହେଉଥିବା ଦୁର୍ଗାପୂଜା ଅନ୍ୟତମ। ରାଜାରାଜୁଡ଼ା ଅମଳରୁ ରଜାନଗର ମଧ୍ୟରେ ଥିବା କନକଦୁର୍ଗା ମନ୍ଦିରରେ ରାଜାଙ୍କ ପରିବାରବର୍ଗ ଦ୍ୱାରା ଦଶହରା ପାଳନ କରାଯାଉଥିଲା । ୧୯୫୦ ମସିହାରେ ଜୟପୁର ସହରର ପ୍ରଥମ ମୂର୍ତ୍ତି ପୂଜା ଜନସାଧାରଣଙ୍କ ଦ୍ୱାରା ସ୍ଥାନୀୟ ନରସିଂହ ଗୌଡ଼ଙ୍କ ଦୋକାନରେ କରାଯାଇଥିଲା ବୋଲି କୁହାଯାଏ। ବର୍ତ୍ତମାନ ରଜାନଗରଠାରେ ସ୍ଥାୟୀ ମଣ୍ଡପ କରାଯାଇ ଏଠାରେ ଦୁର୍ଗାଙ୍କ ମୂର୍ତ୍ତି ପୂଜା କରାଯାଉଛି । ପ୍ରତିପଦାଠାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ଏଠାରେ ହୋମ, ଯଜ୍ଞ ଓ ପୂଜା ଚାଲେ। ଲୋକଙ୍କ ମତରେ ରଜାନଗର ଦୁର୍ଗାପୂଜା ମାନେ ହିଁ ଜୟପୁର ଦଶହରାକୁ ବୁଝାଇଥାଏ । ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ଆଶ୍ୱିନ ମାସ ପ୍ରତିପଦା ତିଥିଠାରୁ ଆରମ୍ଭକରି ବିଜୟା ଦଶମୀ ପର୍ଯ୍ୟନ୍ତ ମା' ଦୁର୍ଗାଙ୍କ ଦଶହରା ପର୍ବ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ। ଅବିଭକ୍ତ କୋରାପୁଟ ଜିଲାର କୋଣ ଅନୁକୋଣରୁ ବିଭିନ୍ନ ଦେବୀପୀଠରୁ ଲାଠି ଆସି ଜୟପୁରରେ ପହଞ୍ଚିଥାଏ। ଦଶହରା ଦିନ ମା' ଭଗବତୀ, ମା' ଦକ୍ଷିଣକାଳୀ ଆସି ରଜାନଗରଠାରେ ଦୁର୍ଗାଙ୍କ ନିକଟରେ ପହଞ୍ଚି ଦୁର୍ଗାଙ୍କ ସହ ଦଶହରା ପଡ଼ିଆକୁ ଯାଇଥାନ୍ତି। ପୂର୍ବରୁ ଅନେକ ବ୍ୟକ୍ତି ରଜାନଗର ଦୁର୍ଗାପୂଜା ଦାୟିତ୍ୱ ତୁଲାଇ ଆସିଛନ୍ତି । ସେମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ମହାପାତ୍ର, ତାରିଣୀ ଦାସ, ସ୍ୱର୍ଗତ ରାଧାଗୋବିନ୍ଦ ପାଣିଗ୍ରାହୀ, ସ୍ୱର୍ଗତ ମନ୍ମଥ ପାଣିଗ୍ରାହୀ, ସ୍ୱର୍ଗତ ମୋହନ ଲାଲ ବୌଦ୍ୟ, ସ୍ୱର୍ଗତ ରାମମୋହନ ସାମନ୍ତରା, ଡମ୍ବରୁ ପାତ୍ର, ସ୍ୱର୍ଗତ ପେଣ୍ଟା ଶ୍ରୀ ରାମଲୁ ଏବଂ ତାଙ୍କ ପୁଅ ପେଣ୍ଟା କାମେଶ୍ୱର ରାଓ ଅନ୍ୟତମ। ପରବର୍ତ୍ତୀ ସମୟରେ ପେଣ୍ଟା କାମେଶ୍ୱର ରାଓଙ୍କ ଦେହାନ୍ତ ପରେ ଏକ କମିଟି ଗଠିତ ହୋଇ ୨୦୧୦ ରୁ ପୂଜାର ପରିଚାଳନା କରି ଆସୁଛି। ଆଜିକୁ ୧୨ ବର୍ଷ ହେଲା ଶ୍ରଦ୍ଧାଳୁମାନଙ୍କ ସହଯୋଗରେ ପୂଜା ଅଧିକରୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉଦ୍ୟମ ଜାରି ରହିଛି। ସହରରେ ପ୍ରଥମେ ରଜାନଗର ମୂର୍ତ୍ତି ବସି ପୂଜା ପାଇବା ପରେ ଅନ୍ୟ ଦୁର୍ଗାମୂର୍ତ୍ତିମାନ ବସିଥାନ୍ତି।

# ଜିଲାରେ ସୁଧୁରୁଛି କୁପୋଷଣ ସ୍ଥିତି

କୋରାପୁଟ,୩୦।୯(ସ୍ୱ.ପ୍ର.)

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ କୁପୋଷଣ ରୋକିବା ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବିଭିନ୍ନ ଗ୍ରାମରେ ତୃଣମୂଳ ସ୍ତରର ମା'ମାନଙ୍କୁ ଖାଦ୍ୟପେୟ ସହ ଉପଯୁକ୍ତ ଚିକିତ୍ସା ନିମନ୍ତେ ତାଲିମ ଓ ପରାମର୍ଶ ପ୍ରଦାନ କରାଯାଉଛି। ଫଳରେ କୁପୋଷଣର ମାତ୍ରା ବେଶ କମୁଥିବା ୟୁନିସେଫ ପକ୍ଷରୁ କୁହାଯାଇଛି। କୋରାପୁଟ ଜିଲା ସର୍ବଦା ଏଠାକାର କଳା ସଂସ୍କୃତି ପାଇଁ ସ୍ୱତନ୍ତ୍ର ପରିଚୟ ରହିଛି। ପୂର୍ବରୁ ଏଠାରେ କୁପୋଷଣ ଜନିତ ଶିଶୁମୃତ୍ୟୁ ଏବଂ ପ୍ରସବ ସମସ୍ୟାଜନିତ ମାତୃ ମୃତ୍ୟୁହାର ପ୍ରତିଶତ ଢେର ଅଧିକ ରହୁଥିଲା। ଏହାକୁ ରୋକିବା ଦିଗରେ ସରକାର ଯୋଜନା ପ୍ରସ୍ତୁତ କରି ତୃଣମୂଳ ସ୍ତରରୁ କାର୍ଯ୍ୟକାରୀ କଲେ। ଆଶା ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଗ୍ରାମାଞ୍ଚଳରେ ନବଜାତ ଶିଶୁ, ବଢ଼ିଲା ଶିଶୁ ଏବଂ ମା' ମାନଙ୍କୁ ଖାଦ୍ୟାଭ୍ୟାସ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିବାକୁ ଏବେ ସୁଦ୍ଧା ପ୍ରୟାସ ଜାରି ରଖିଛନ୍ତି। ଏହାଛଡ଼ା ଜିଲାରେ ୟୁନିସେଫ ଓ ସାମାଜିକ ସଙ୍ଗଠନ ସିନି ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଅତିଶୟ ପୁଷ୍ଟିହିନତା, ନବଜାତ ଓ ବଢ଼ିଲା ଶିଶୁର ଉପଯୁକ୍ତ ଖାଦ୍ୟ ଅଭ୍ୟାସ ସମ୍ପର୍କିତ ଦୁଇଟି କାର୍ଯ୍ୟକ୍ରମ ସଫଳ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ନେଇ ବାଗରାଗୁଡ଼ା ଗ୍ରାମର ଦମାଇ ଖରା ନିଜର ୨ ବର୍ଷର ଶିଶୁକୁ କୁପୋଷଣରୁ ମୁକ୍ତ କରି ପାରିଥିବା କହିଛନ୍ତି। ସେହିଭଳି ପଦ୍ମପୁର ଗ୍ରାମର ସରିତା ସିଂ ୩ଟି ଶିଶୁର ମା' ହୋଇଥିବା ବେଳେ ଆଶା, ଅଙ୍ଗନୱାଡ଼ି ଓ ଏଏନଏମଙ୍କ ପରାମର୍ଶ ମାନି ନିଜ ଶିଶୁମାନଙ୍କୁ ଠିକ ଭାବେ ଖୁଆଇ ଅପପୁଷ୍ଟିରୁ ଦୂରେଇ ରଖି ପାରିଛନ୍ତି। ଏହି ଅଞ୍ଚଳରେ ପ୍ରସୂତି ମା' ମାନେ କିପରି ପୁଷ୍ଟିକର ଖାଦ୍ୟ ଖାଇବେ, ଶିଶୁ ସ୍ତନ୍ୟପାନ ଓ ବୟସ ଆନୁଯାୟୀ ଶିଶୁଙ୍କ ଖାଦ୍ୟପେୟ ଉପରେ ଗୁରୁତ୍ୱାରୋପ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ମାଣ୍ଡିଆ, ସୁଆଁର ବ୍ୟବହାର ଉପରେ ନଜର ରଖାଯାଉଛି। ଏଏନଏମ ପ୍ରତ୍ୟେକ ମାସର ୨ଟି ଗୁରୁବାର ମା'ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କୁପୋଷଣଗ୍ରସ୍ତ ଶିଶୁଙ୍କୁ ପୁଷ୍ଟି ସାଧନ କେନ୍ଦ୍ରକୁ ନେଉଥିବା ଶିଶୁ ମଙ୍ଗଳ ଅଧିକାରୀ ପ୍ରଭାତିରାଣୀ ତ୍ରିପାଠୀ କହିଛନ୍ତି।

# ଅନୁପଯୋଗୀ ଖାଦ୍ୟ ମାଙ୍କଡଙ୍କୁ ଦେଉଛନ୍ତି ଲୋକେ


ମାଙ୍କଡଙ୍କୁ ଦିଆଯାଇଥିବା ଖାଦ୍ୟକୁ ତଦାରଖ କରାଯାଉଛି।

ଚିତ୍ରକୋଣ୍ଡା,୩୦।୯(ଡି.,ନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାଠାରୁ ବାଲିମେଳା ମୁଖ୍ୟ ଘାଟି ରାସ୍ତାର ଦୁଇ ପାର୍ଶ୍ୱ ଜଙ୍ଗଲରେ ଏବେ ବନ୍ୟ ଜନ୍ତୁ ମାଙ୍କଡ଼ଙ୍କ ଚରାଭୂମି ପାଲଟିଛି। ଶହ ଶହ ମାଙ୍କଡଙ୍କୁ ଖାଦ୍ୟ ପଦାର୍ଥ ଦେବା ଆଳରେ ଲୋକେ ବେପରୁଆ ଭାବରେ ବିଭିନ୍ନ ଖାଦ୍ୟ ପଦାର୍ଥ ଗାଡ଼ି ଉପରୁ ତଳକୁ ଏବଂ ବାଇକରୁ ଫୋପାଡ଼ି ଦେଉଛନ୍ତି। ଫଳରେ ଏହି ଖାଦ୍ୟ ଆଣିବା ଲାଗି ମାଙ୍କଡମାନେ ରାସ୍ତାକୁ ଆସି ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଶୁକ୍ରବାର ଚିତ୍ରକୋଣ୍ଡା ଏବଂ ବାଲିମେଳାକୁ ସଂଯୋଗ କରୁଥିବା ଘାଟି ରାସ୍ତାରେ କୁଢ଼ କୁଢ଼ ଖାଦ୍ୟ ପଦାର୍ଥ ପଡିଥିବା ଦେଖିବାକୁ ମିଳିଛି। କେତେକ ଅଜଣା ବ୍ୟକ୍ତି ପେଟି ପେଟି ମୃଦୁ ପାନୀୟ, ଚକୋଲେଟ୍, ବିସ୍କୁଟ୍ ଘାଟି ଅଞ୍ଚଳରେ ୫ରୁ ଊର୍ଦ୍ଧ୍ୱ ସ୍ଥାନରେ ପକାଇଥିବା ଜଣାପଡିଛି। ଏହି ରାସ୍ତାରେ ଖାଦ୍ୟପଦାର୍ଥ ପକାଇବା ନୂଆ ଘଟଣା ନ ହେଲେ ମଧ୍ୟ ଶୁକ୍ରବାରର ଘଟଣା ସନ୍ଦେହ ସୃଷ୍ଟି କରୁଛି। ହୁଏତ ଖାଦ୍ୟ ପଦାର୍ଥଗୁଡ଼ିକର ଖଦ୍ୟୋପଯୋଗୀ ବୈଧତା ଶେଷ ହୋଇଯାଇଥିବାରୁ କେହି ସେଗୁଡିକ ଏଭଳି ଫୋପଡ଼ି ଦେଇଥାଇପାରେ କିମ୍ବା କୌଣସି ଖଳ ପ୍ରକୃତିର ଲୋକ ବନ୍ୟଜନ୍ତୁଙ୍କ ଶିକାର ପାଇଁ ସେଥିରେ କୌଣସି ବିଷାକ୍ତ ଦ୍ରବ୍ୟ ମିଶାଇ ନ ଥିବ ତାହାକୁ ମଧ୍ୟ ଏଡାଯାଇ ନପାରେ। ବନ ବିଭାଗ ପକ୍ଷରୁ ଏଥିରେ ରୋକ୍ ଲଗାଇବା ନିମନ୍ତେ ଜଙ୍ଗଲର ବିଭିନ୍ନ ସ୍ଥାନରେ ବନ୍ୟ ଜନ୍ତୁଙ୍କୁ ଖାଦ୍ୟ ପଦାର୍ଥ ବେପରୁଆ ଢ଼ଙ୍ଗରେ ନ ଦେବା ପାଇଁ ବୋର୍ଡ଼ ଲଗାଯାଇଛି। ତେବେ ଏହା କେବଳ ବୋର୍ଡରେ ସୀମିତ ରହିଛି। ଏହାଦ୍ୱାରା ଲୋକେ ସଚେତନ ହୋଇନାହାନ୍ତି। ଶନିବାରଠାରୁ ଚିତ୍ରକୋଣ୍ଡା-ବାଲିମେଳା ଘାଟି ରାସ୍ତାରେ ଚିତ୍ରକୋଣ୍ଡା ଏବଂ ବାଲିମେଳା ବନାଞ୍ଚଳ ପକ୍ଷରୁ ଜଗିବାକୁ ଗାର୍ଡ ପଠାଯିବ। ଯଦି କୌଣସି ବ୍ୟକ୍ତି ଘାଟି ରାସ୍ତାରେ ମାଙ୍କଡ଼ମାନଙ୍କୁ ପଚାଶଢା ଜିନିଷ କିମ୍ବା ଏକ୍ସପାରି ହୋଇଥିବା ନଷ୍ଟ ଦ୍ରବ୍ୟ ଦେଉଥିବା ନଜରକୁ ଆସିଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ ଏବଂ ବନପାଳ ମୃତ୍ୟୁଞ୍ଜୟ ସେଠୀ କହିଛନ୍ତି।

## ବାପାଙ୍କୁ ହତ୍ୟା ମାମଲାରୁ ପୁଅବୋହୂ ନିର୍ଦ୍ଦୋଷ

କୋରାପୁଟ, ୩୦।୯(ସ୍ୱ.ପ୍ର.)

ଏକ ହତ୍ୟା ମାମଲାର ବିଚାର କରି କୋରାପୁଟ ଅତିରିକ୍ତ ଜିଲା ଦୌରାଜଜ୍ ମହଲତ ସା ମାମଲାରେ ସମ୍ପୃକ୍ତ ୨ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ନନ୍ଦପୁର ବ୍ଲକର କାତ୍ରବା ଗ୍ରାମର ନିଳକଣ୍ଠ ପାଙ୍ଗି (୫୫)ଓ ତାଙ୍କ ସ୍ତ୍ରୀ ତୁଳସା ପାଙ୍ଗି(୪୭)। ମାମଲାର ବିବରଣୀରୁ ଜଣାପଡିଛି, ଗତ ୨୦୧୫ ଏପ୍ରିଲ ୧୪ରେ କାତ୍ରବା ଗ୍ରାମର ନିଳକଣ୍ଠ ଓ ତାଙ୍କ ସ୍ତ୍ରୀ ତୁଳସା କୌଣସି କାରଣ ନେଇ ବାପା ଧନ ପାଙ୍ଗିଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଥିଲେ। ଉଭୟେ କୋରାପୁଟ ମଣ୍ଡଳ କାରାଗାର ବିଚାରାଧୀନ ବନ୍ଦୀ ଭାବେ ରହି ଆସୁଥିଲେ। ସରକାରଙ୍କ ଆଇନ ସହାୟତା ବିଭାଗ ପକ୍ଷରୁ ଅଶୋକ ଷଡଙ୍ଗୀଙ୍କୁ ଏହି ମକଦ୍ଦମାର ପ୍ରତିପକ୍ଷ ଓକିଲ ଭାବେ ନିୟୋଜିତ କରାଯାଇଥିଲା । ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତି କରି ଶୁକ୍ରବାର ଅତିରିକ୍ତ ଜିଲା ଦୌରାଜଜ୍ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଷଡଙ୍ଗୀ ମାମଲା ପରିଚାଳନା କରୁଥିବାବେଳେ ସରକାରୀ ଓକିଲ ଭାବେ ଜୀମୂତ ବାହାନ ଶୁନାନୀ ଓ ଲଲାଟେନ୍ଦୁ ପାଣି ମାମଲା ପରିଚାଳନା କରୁଥିଲେ।

# ଯୋଗ ଦେଲେ ମାଲକାନଗିରି ନେତା, କର୍ମୀ


ବିଜେଡିର ଭୁବନେଶ୍ୱର କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମାଲକାନଗିରି ଜନପ୍ରତିନିଧି।

**ବିଜେଡିର ଭୁବନେଶ୍ୱର କାର୍ଯ୍ୟକ୍ରମ**

ମାଲକାନଗିରି,୩୦।୯(ଡି.ଏନ୍.ଏ.)

ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆଠାରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ସମ୍ପର୍କିତ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାର ଉଦ୍‌ଯାପନୀ ଦିବସରେ ଶୁକ୍ରବାର ଜନକଲ୍ୟାଣ ଯୋଜନାକୁ ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବା, ସ୍ୱାଧୀନତା ସଂଗ୍ରାମୀଙ୍କୁ ନିରନ୍ତର ସ୍ମରଣ କରିବା, ରାଜ୍ୟର ହକ୍ ପାଇଁ କେନ୍ଦ୍ର ସରକାରଙ୍କ ବିରୋଧରେ ସଂଗ୍ରାମ ଜାରି ରଖିବା ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମାଲକାନଗିରି ବିଜେଡି ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ଜିଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଯୁବ ସଭାପତି ଆଡମା ରାବା, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ବିଜେଡି ଯୁବ ସମ୍ପାଦକ ରବି ରାଜେଶ ପ୍ରମୁଖ ଭୁବନେଶ୍ୱରର ଜନ ସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିଲେ।

# ଛାତ୍ରୀଛାତ୍ରଙ୍କ ସହ ମିଶି କଲେ ମଧ୍ୟାହ୍ନ ଭୋଜନ

**କୋଲାଗଣ୍ଡା ଆଶ୍ରମ ବିଦ୍ୟାଳୟ ଗସ୍ତ କଲେ ଉପଜିଲାପାଳ**

ମାଲକାନଗିରି,୩୦।୯ (ଡି.ଏନ୍.ଏ.)


ଉପଜିଲାପାଳ ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନ ଭୋଜନ କରୁଛନ୍ତି।

ମାଲକାନଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ କୋଲାଗଣ୍ଡା ଆଶ୍ରମ ବିଦ୍ୟାଳୟକୁ ଶୁକ୍ରବାର ଉପଜିଲ୍ଲାପାଳ ଅକ୍ଷୟ ଖେମୁଣ୍ଡୁ ଗସ୍ତ କରିଥିଲେ। ଏକ ମାସ ତଳେ ଏହି ବିଦ୍ୟାଳୟର ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଅବହେଳା ଯୋଗୁ ୨ଜଣ ଛାତ୍ରଙ୍କ ଅଜଣା ରୋଗରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିବା ସହ ବିଦ୍ୟାଳୟର ରୋଷେୟାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ତେବେ ବର୍ତ୍ତମାନ ଉକ୍ତ ବିଦ୍ୟାଳୟର ସ୍ଥିତି ପରଖିବା ପାଇଁ ଉପଜିଲ୍ଲାପାଳ ଖେମୁଣ୍ଡୁ ଗସ୍ତ କରି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏଥିସହ ବିଦ୍ୟାଳୟ ଛାତ୍ରାବାସ ପରିଦର୍ଶନ କରି ଏହା କିପରି ପରିଚାଳନା ହେଉଛି ସେ ତାହାର ସମୀକ୍ଷା କରିଥିଲେ। ପରେ ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ପର୍କରେ ପଚାରି ବୁଝିଥିଲେ। ମଧ୍ୟାହ୍ନ ଭୋଜନରେ ଖେମୁଣ୍ଡୁ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ କରିଥିଲେ। ଉପଜିଲାପାଳଙ୍କ ଗସ୍ତରେ ପଡିଆ ବ୍ଲକ ଅନ୍ତର୍ଗତ ସମସ୍ତ ଅଧିକାରୀ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଶହୀଦଙ୍କ ଜନ୍ମଭୂମିରୁ ରାଜଧାନୀ ଗଲା ମାଟି, ପାଣି

କୋରାପୁଟ, ୩୦।୯(ସ୍ୱ.ପ୍ର.)


ସଂଗୃହୀତ ପବିତ୍ର ମାଟି ଓ ଜଳକୁ ଭୁବେନେଶ୍ୱର ପଠାଯାଉଛି।

ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ରାଜଧାନୀ ଭୁବେନେଶ୍ୱର ସମେତ ସବୁ ଜିଲାରେ ପାଳନ କରାଯିବ । ରାଜ୍ୟସ୍ତରୀୟ ଗାନ୍ଧୀ-ଶାସ୍ତ୍ରୀ ଜୟନ୍ତୀ ପାଳନ ପାଇଁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ କୋରାପୁଟ ଜିଲାର ତେନ୍ତୁଳିଗୁମ୍ମାରୁ ପବିତ୍ର ମାଟି ଓ ଜଳ ସଂଗ୍ରହ କରି କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ରାଜଧାନୀ ପଠାଯାଇଛି । ତେଁତୁଳିଗୁମ୍ମରେ ମାଟି ଓ ପାଣି ସଂଗ୍ରହ କରିବା ସହ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ କୀର୍ତ୍ତନ ମଣ୍ଡଳୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପବିତ୍ର ମାଟି ଓ ପାଣିକୁ ନେଇଯାଉଥିବା ରଥକୁ ଭୁବେନେଶ୍ୱର ଅଭିମୁଖେ ମେଲାଣି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଏବଂ ରାଜେନ୍ଦ୍ର ମାଝି, ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ବୈପାରିଗୁଡା ତହସିଲଦାର କୈଳାସ ତ୍ରିପାଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶାଙ୍କ ସମେତ ବହୁ ଅଧିକାରୀ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସ୍ୱାଧୀନତାର ଅମୃତ ମହୋତ୍ସବ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୟପୁର,୩୦।୯(ନି.ପ୍ର.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଶୁକ୍ରବାର ଜୟପୁର ପୌରାଞ୍ଚଳର ତ୍ରିମୂର୍ତ୍ତି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଏ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଝୋଟି, ନାଚଗୀତ, ବକ୍ତୃତା, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆନ୍ତଃ ବିଦ୍ୟାଳୟ ଫୁଟବଲ ମ୍ୟାଚ୍ ୩୨ଖେଳାଳିଙ୍କ ସମେତ ୪ କୋଚ୍ ଜିଲାସ୍ତରକୁ ମନୋନୀତ

ସିମୁଳିଆ,୩୦।୯(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍‌ର ସଦର ମହକୁମାରେ ପ୍ରତିଷ୍ଠିତ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମ ପଡ଼ିଆରେ 'ବ୍ଲକ୍‌ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ୍ ମ୍ୟାଚ୍' ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍ ଅଧୀନ ୧୬ଟି ହାଇସ୍କୁଲର ୧୭ ବୟସରୁ କମ୍ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୩୪ଜଣ ବାଳିକା ଓ ୭୧ଜଣ ବାଳକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣ ବାଳିକା, ୧୬ ଜଣ ବାଳକଙ୍କ ସମେତ ୪ଜଣ ଶିକ୍ଷକ ପ୍ରଶିକ୍ଷକ ରୂପେ ଜିଲାସ୍ତରୀୟ କ୍ରୀଡ଼ାକୁ ମନୋନୀତ ହୋଇଥିଲେ। ଆସନ୍ତା ୧୨ରୁ ୧୭ ମଧ୍ୟରେ ବାଲେଶ୍ୱରର ପରମିଟ୍ ପଡ଼ିଆ ଓ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡ଼ାରେ କୃତିମାନେ ଅଂଶ ଗ୍ରହଣ କରିବେ।

# ମାଥିଲିରେ ପୋଲିସର ଫ୍ଲାଗ ମାର୍ଚ୍ଚ



ମାଥିଲି, ୩୦।୯ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରରେ ଶୁକ୍ରବାର ପୋଲିସର ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଆଇଆଇସି ସୂର୍ଯ୍ୟପ୍ରକାଶ ନାୟକଙ୍କ ନେତୃତ୍ୱରେ ଫ୍ଲାଗ ମାର୍ଚ୍ଚ ଥାନା ପରିସରରୁ ବାହାରି ହସ୍ପିଟାଲ ଯାଏ ଯାଇଥିଲା। ପୋଲିସର ସମସ୍ତ କର୍ମଚାରୀଙ୍କ ସମେତ ଆଇଆରବି ଯବାନମାନେ ଏଥିରେ ସାମିଲ ହୋଇଥିଲେ। ଆସନ୍ତା ଦଶହରାରେ କିପରି ମାଥିଲି ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ତାହାକୁ ଦୃଷ୍ଟିରେ ରଖି ଏହି ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଫ୍ଲାଗ ମାର୍ଚ୍ଚକୁ ମାଥିଲି ଦଶହରା ପୂଜା କମିଟିର ସଦସ୍ୟମାନେ ସ୍ୱାଗତ କରିବା ସହ ମାଥିଲିରେ ଦଶହରା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ଉଦ୍ୟମ ହେଉଥିବା ପୋଲିସ ଅଧିକାରୀଙ୍କୁ ଜଣାଇଥିଲେ। ମାଥିଲି ପରେ ଗୋବିନ୍ଦପାଲିରେ ମଧ୍ୟ ଅନୁରୂପ ଭାବେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା ଏଠାରେ ବଜାର ଛକରୁ ପୋଲିସ ଚେକଗେଟ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିବା ଆଇଆଇସି ନାୟକ ପ୍ରକାଶ କରିଛନ୍ତି।

